# ୧୪ ଦିନରେ ଆଦିବାସୀ ମେଳା

# ସରିବାକୁ ଦିନଟିଏ ବାକି, କିଣାବିକାକୁ ଶେଷ ସ୍ପର୍ଶ

ଭୁବନେଶ୍ୱର, ୦୮/୦୨/ ୨୦୨୧- ରାଜଧାନୀର ଗୃହିଣୀମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ଆଦିବାସୀ ମେଳା ଶେଷ ହେବାକୁ ଆଉ ମାତ୍ର ଗୋଟିଏ ଦିନ ବାକି ଥିବା ବେଳେ ଆଜି ଚତୁର୍ଦ୍ଦଶ ଦିବସରେ ମେଳା ପରିସରରେ ଦେଖିବାକୁ ମିଳିଥିଲା ଲୋକଙ୍କର ପ୍ରବଳ ଗହଳି । ମଧ୍ୟାହ୍ନ ପରେ ବିଭିନ୍ନ ଫାଟକ ବାଟେ ମେଳାକୁ ଛୁଟିଥିଲା ପରିବାର ସହ ଲୋକଙ୍କର ଲମ୍ବା ଧାଡି । କିଣାବିକାକୁ ଶେଷ ସ୍ପର୍ଶ ଦେବା ଲାଗି ଦର୍ଶକମାନେ ଯେତିକି ବ୍ୟଗ୍ରତା ଦେଖାଇଥିଲେ, ରାଜ୍ୟର କୋଣ ଅନୁକୋଣରୁ ବିଭିନ୍ନ ଉତ୍ପାଦିତ ସାମଗ୍ରୀ ଆଣି ମେଳା ପରିସରରେ ବିକ୍ରି ଓ ପ୍ରଦର୍ଶନ କରୁଥିବା ଆଦିବାସୀ ନରନାରୀମାନେ ସେତକ ସାରି ନିଜ ନିଜର ଭିଟାମାଟିକୁ ଫେରିଯିବା ଲାଗି ସେତିକି ଉତ୍ସାହୀ ଥିବାର ଦେଖା ଯାଇଥିଲା । ଏଥର ମେଳାରେ ଅଧିକାଂଶ ଷ୍ଟଲ୍‌ରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇ.ଟି.ଡି.ଏ) ଅଧିନସ୍ଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଚାହିଦା ଯଥେଷ୍ଟ ଅଧିକ ଥିବାର ଦେଖାଯାଇଥିଲା । ଚତୁର୍ଦ୍ଦଶ ଦିବସରେ ଆଦିବାସୀଙ୍କ ଦ୍ୱାରା ଉତ୍ପାଦିତ ଓ ପ୍ରସ୍ତୁତ ହଳଦୀ, ମାଣ୍ଡିଆ, କାନ୍ଦୁଲ, ବିରି, କୋଳଥ, ସୋରିଷ, ଅଦା, ଖଣ୍ଡ ହଳଦୀ, ବଡ଼ି, ଫୁଲଝାଡୁ ଆଦି ଅଧିକ ପରିମାଣରେ ବିକ୍ରି ହୋଇଥିଲା । ଜନଜାତି ବର୍ଗଙ୍କ ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ସଙ୍ଗେ ସଙ୍ଗେ ସେମାନଙ୍କ ମଧ୍ୟରେ ସମବାୟର ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ଗଠିତ ଓଡ଼ିଶା ଆଦିବାସୀ ଉନ୍ନୟନ ସମବାୟ ନିଗମ (ଟି.ଡି.ସି.ସି) ପକ୍ଷରୁ ମେଳା ପରିସରରେ ଖୋଲାଯାଇଥିବା ମଣ୍ଡପରେ ଅପେକ୍ଷାକୃତ ଅଧିକ ଗହଳି ଲକ୍ଷ୍ୟ କରାଯାଇଥିଲା । ୧୯୬୭ ମସିହାରେ ଗଠନ କରାଯାଇଥିବା ଟି.ଡି.ସି.ସି. ରାଜ୍ୟର ସବୁବର୍ଗର ଜନଜାତିଙ୍କ ବାଣିଜ୍ୟିକ ଓ ଅର୍ଥନୈତିକ ଜୀବନରେ ଏକ ବଡ଼ ପରିବର୍ତନ ଆଣିବାକୁ ସକ୍ଷମ ହୋଇଛି । ବିଭିନ୍ନ ସ୍ଥାନରେ ଏହାର ୧୩ଟି ଶାଖା କାର୍ଯ୍ୟ କରୁଥିବା ବେଳେ ଜନଜାତିଙ୍କ ଦ୍ୱାରା ଉତ୍ପାଦିତ ଓ ପ୍ରସ୍ତୁତ ସାମଗ୍ରୀ ପାଇଁ ସେମାନଙ୍କୁ ଉଚିତ୍ ମୂଲ୍ୟ ଦେଇ ବଜାର ସୃଷ୍ଟି କରିବାକୁ ନିଗମ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛି । ରାଜ୍ୟ ସରକାରଙ୍କ ତଫସିଲ୍‌ଭୁକ୍ତ ଜାତି ଓ ତଫସିଲ୍‌ଭୁକ୍ତ ଜନଜାତି ଉନ୍ନୟନ ବିଭାଗ ଅଧିନରେ ଏହି ନିଗମ ପରିଚାଳିତ । ନିଗମ ପକ୍ଷରୁ ମେଳା ପରିସରରେ ଖୋଲିଥିବା ଏକ ସ୍ୱତନ୍ତ୍ର ମଣ୍ଡପରେ ଆଦିବାସୀ ନରନାରୀଙ୍କ ଦ୍ୱାରା ପ୍ରସ୍ତୁତ୍ ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ବିକ୍ରିର ବ୍ୟବସ୍ଥା ହୋଇଛି । ଏହି ସବୁ ସାମଗ୍ରୀର ମୌଳିକତା ଓ ଗୁଣାବତା ଅଧିକ ଥିବାରୁ ଏବଂ ଅପମିଶ୍ରଣର ସମ୍ଭାବନା ଆଦୌ ନ ଥିବାରୁ ମଣ୍ଡପରେ ଅଧିକାଂଶ ସମୟରେ ଭିଡ ଦେଖିବାକୁ ମିଳୁଛି । ଆଦିବାସୀ ସମ୍ପ୍ରଦାୟର ଐତିହ୍ୟ ଓ ହସ୍ତକଳାର ନିଖୁଣତାକୁ ସୁନ୍ଦର ଭାବରେ ପ୍ରତିଫଳିତ କରୁଥିବା ଅନ୍ୟ କେତେକ ଷ୍ଟଲ୍‌ରେ ମଧ୍ୟ ସୋମବାର ଦର୍ଶକଙ୍କ ଗହଳି ଲାଗି ରହିଥିଲା ।

***